୧୨ ଜାନୁଆରୀ ୨୦୨୪ ଖୁତ୍‌ବା ଜୁମାର ସାରାଂଶ
ସ୍ଥାନ – ମସଜିଦ୍ ମୁବାରକ୍, ଇସ୍‌ଲାମାବାଦ୍ ଟିଲ୍‌ଫୋର୍ଡ୍

**ଓ୍ୱହଦ୍ ଯୁଦ୍ଧର ଉତ୍କଟ ପରିସ୍ଥିତି ଓ ମୁସଲମାନମାନଙ୍କ ସଂଘର୍ଷର ବିଶ୍ୱାସବର୍ଦ୍ଧକ ଆଲୋଚନା । ବିଶ୍ୱଯୁଦ୍ଧରୁ ବର୍ତ୍ତି ରହିବା ପାଇଁ ବିଶେଷ ଦୁଆର ଆହ୍ୱାନ ।**

ଅଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ଓ୍ୱହ୍‌ଦହୁ ଲାଶରିକା ଲହୁ ଓ୍ୱଅଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ଓ୍ୱରସୁଲୁହୁ ଅମ୍ମାବାଦ୍ ଫଉଜୁବିଲ୍ଲା ହିମିନଶ୍ ଶୈତା ନିରରଜିମ୍ । ବିସ୍‌ମିଲ୍ଲା ହିର୍‌ରହେମା ନିର୍‌ରହିମ୍ । ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆଲମିନ୍ ଅରରହମା ନିର୍‌ରହିମ୍ । ମାଲିକି ୟୋମିଦ୍‌ଦିନ୍ । ଇୟାକା ନାବୁଦୁ ଓ୍ୱ ଇୟାକା ନସ୍‌ତଇନ୍ । ଇହ୍‌ଦିନସ୍ ସିରାତଲ୍ ମୁସ୍‌ତକିମ୍ ସିରାତଲ୍ ଲଜିନା ଅନ୍‌ଅମ୍‌ତା ଅଲୈହିମ୍ ଗୈରିଲ୍ ମଗ୍‌ଯୁବି ଆଲୈହିମ୍ ଓ୍ୱଲଦ୍ୱାଲ୍‌ଲିନ୍ ।

ତଶହୁଦ୍, ତଉଜ୍ ଓ ସୁରାଃ ଫାତିହାର ଆବୃତ୍ତି କରିବା ପରେ ପ୍ରିୟ ହଜୁର ଅନଓ୍ୱର[ଅ.ବ] କହିଲେ; ଓ୍ୱହଦ୍ ଯୁଦ୍ଧରେ ହଜରତ ମୁହମ୍ମଦ [ସ.ଅ]ଙ୍କ ତେଜସ୍ୱୀ ପୂର୍ଣ୍ଣ ଭୂମିକାର ଚର୍ଚ୍ଚା ଚାଲିଥିଲା । ଏଥିସଂକ୍ରାନ୍ତରେ ଅଧିକ ବ୍ୟାଖ୍ୟା ଏପରି ଉଲ୍ଲେଖ ରହିଛି ଯେ, ହଜୁର[ସ.ଅ] ଅନ୍ୟମାନଙ୍କ ତୁଳାନରେ ଶତ୍ରୁର ସବୁଠାରୁ ଅଧିକ ନିକଟତର ଥିଲେ ଏବଂ ପନ୍ଦର ଜଣ ପ୍ରତିରକ୍ଷକ ସାହାବୀ ଆପଣଙ୍କ ସାଥିରେ ଦୃଢ଼ତାର ସହ ଦଣ୍ଡାୟମାନ ଥିଲେ । ଆଠଜଣ ପ୍ରବାସକାରୀ ଓ ସାତଜଣ ଅନସାରୀମାନଙ୍କ ମଧ୍ୟରୁ କେତେକ ସାହାବୀ କୁହନ୍ତି; ଆପଣ [ସ.ଅ]ଙ୍କ ସମ୍ମୁଖରେ ୩୦ଜଣ ସାହାବୀ ଦଣ୍ଡାୟମାନ ଥିଲେ । ସେ ସଭିଏଁ ଏହା କହୁଥିଲେ କି ମୋ ମୁଖ ହଜୁର [ସ.ଅ]ଙ୍କ ପବିତ୍ର ମୁଖ ସମ୍ମୁଖରେ ରହିଥାଉ । ଆଉ ମୋ ପ୍ରାଣ ହଜୁର [ସ.ଅ]ଙ୍କ ସକାଶେ ଉତ୍ସର୍ଗ ହୋଇଯାଉ ଏବଂ ଆପଣ[ସ.ଅ] ସୁରକ୍ଷିତ ଓ ଦୀର୍ଘାୟୁ ଲାଭ କରନ୍ତୁ । ବିଭିନ୍ନ ବର୍ଣ୍ଣନାରେ ନିଜ ସ୍ଥାନରେ ଅଟଳ ଅବିଚଳ ରହିଥିବା ସାହାବୀମାନଙ୍କ ସଂଖ୍ୟାରେ ପାର୍ଥକ୍ୟ ରହିଛି । ଏହାର ଗୋଟିଏ ଅର୍ଥ ଏହା ମଧ୍ୟ ହୋଇପାରେ କି (ଶତ୍ରୁ ସହ ମୁକାବିଲା ହେତୁ) ସାହାବାଙ୍କ ସଂଖ୍ୟା ସେତେବେଳେ ଉଣାଅଧିକ ହେଉଥିବ । ଯେ କେହି ୧୫ଜଣ ସାହାବୀଙ୍କୁ ଦେଖିଛନ୍ତି ସେ ସେତିକି ଦର୍ଶାଇଛନ୍ତି, ଆଉ ଯେ ତହୁଁ ଅଧିକ ଦେଖିଛନ୍ତି ସେ ତାହା ବର୍ଣ୍ଣନା କରିଛନ୍ତି । ସାହାବା ହଜୁର [ସ.ଅ]ଙ୍କ ନିକଟତର ହେଉଥିଲେ ଏବଂ ଆଉ ଶତ୍ରୁର ଭୀଷଣ ଆକ୍ରମଣରେ ସେହି ସୁରକ୍ଷା ବଳୟ ଭାଙ୍ଗି ଯାଉଥିଲା ଅର୍ଥାତ ସେମାନେ ବିକ୍ଷିପ୍ତ ହେଇ ଯାଉଥିଲେ । କିନ୍ତୁ ପୁନଶ୍ଚ ସେମାନେ ଏକତ୍ରିତ ହେଉଥିଲେ । ସେ ଯାହା ହେଉ ସାହାବା ଅଟଳ ଓ ଅବିଚଳତାର ନମୁନା ପ୍ରଦର୍ଶନ କରିଥିଲେ ଏବଂ କାହାରିକୁ ଏହି ଭୟ ଘାରି ନଥିଲା କି ମୋତେ ମୃତ୍ୟୁ ଗ୍ରାସ କରିବ । ଏହା ମଧ୍ୟ ବର୍ଣ୍ଣନା ମିଳେ ଯେ, ନବୀଶ୍ରେଷ୍ଠ ହଜରତ ମୁହମ୍ମଦ[ସ.ଅ] ଓ୍ୱହଦ୍ ଯୁଦ୍ଧଦିନ ସାହାବାଙ୍କର ଏକଦଳ ଠାରୁ ମୃତ୍ୟୁ (ଶହିଦ୍ ହେବା)ର ବୈଅତ୍ ନେଇଥିଲେ । **ସେହି ସୌଭାଗ୍ୟଶାଳୀ ପ୍ରତିଜ୍ଞାକାରୀ ଆଠଜଣ ଥିବାର ବର୍ଣ୍ଣନା ମିଳେ ।** ସେମାନଙ୍କ ମଧ୍ୟରୁ ସେଦିନ କେହି ଶହିଦ୍ ହୋଇ ନଥିଲେ ।

ହଜରତ ମିର୍ଜା ବଶିର ଅହେମଦ୍ ସାହେବ ଓ୍ୱହଦ୍ ଯୁଦ୍ଧଦିନ ସାହାବାଙ୍କ ପାଦ ସୁଦୃଢ ସଶକ୍ତ ରହିଥିବାର ଚର୍ଚ୍ଚା କରି କୁହନ୍ତି; ଯେଉଁ ସାହାବାମାନେ ହଜୁର [ସ.ଅ]ଙ୍କ ଚର୍ତୁପାର୍ଶ୍ୱରେ ରୁଣ୍ଡ ରହିଥିଲେ ସେମାନେ ଯେଉଁ ଦାମ୍ଭିକତା ପ୍ରଦର୍ଶନ କରିଥିଲେ, ବିଶ୍ୱ ତାହାର ଉଦାହରଣ ଉପସ୍ଥାପନ କରିବାରେ

ଅସମର୍ଥ୍ୟ । ସେମାନେ ପ୍ରାଣର ଆହୁତି ଦେବାଙ୍କ ପରି ଆପଣ [ସ.ଅ]ଙ୍କୁ ଘେରି ରହିଥିଲେ ଏବଂ ନିଜ ଜୀବନର ତିଳେ ମାତ୍ର ପରଓା କରି ନଥିଲେ । ଶତ୍ରୁ ଯେଉଁଭଳି ପ୍ରହାର କରୁଥିଲା ସାହାବା ତାହାକୁ ନିଜ ଉପରକୁ ସାଦରେ ଗ୍ରହଣ କରିବା ପରି ଛାତି ଆଗକୁ କରି ଦେଉଥିଲେ । ଆପଣ [ସ.ଅ]ଙ୍କୁ ରକ୍ଷା କରି ଶତ୍ରୁ ଉପରେ ପାଲଟା ଆକ୍ରମଣ କରୁଥିଲେ । ଏ ମାତ୍ରକିଛି ହାତଗଣତି ଉତ୍ସର୍ଗୀ କେତେଦୂର ଶତ୍ରୁର ମହାପ୍ରଳୟକାରୀ ବନ୍ୟା ସମ୍ମୁଖରେ ତିଷ୍ଟି ରହି ପାରିଥାନ୍ତେ । ଯାହାକି ପ୍ରତ୍ୟେକ ଦିଗରୁ ଧ୍ୱଂସକାରୀ ବିଭୀଷିକା ସଦୃଶ ମାଡ଼ି ଆସୁଥିଲା । ଶତ୍ରୁର ସେହି ଭୟଙ୍କର ଲହରୀ ମୁସଲମାନମାନଙ୍କୁ କାହିଁ କେତେଦୂର ବହି ନେଇ ଯାଉଥିଲା । କିନ୍ତୁ ଯେତେବେଳେ ସାମାନ୍ୟ ଶିଥିଳ ହେଉଥିଲା ମୁସଲମାନମାନେ ପ୍ରତିଦ୍ୱନ୍ଦିତା କରି ପୁର୍ନବାର ନିଜ ମୁନିବଙ୍କ ନିକଟରେ ଏକତ୍ରିତ ହେଇ ଯାଉଥିଲେ ।

ଖ୍ରୀଷ୍ଟଧର୍ମିମାନେ ଏହି ଆପତ୍ତି ବାଢ଼ିଥାନ୍ତି କି ହଜରତ ମୁହମ୍ମଦ[ସ.ଅ] ମିଛ କହିବା ଅଥବା ମିଥ୍ୟା ସାକ୍ଷ୍ୟ ଦେବକୁ ବୈଧ ଦର୍ଶାଇଛନ୍ତି । ହଜରତ ମସିହ ମଉଦ[ଅ.ସ] ଏହି ଭିତ୍ତିହୀନ ଆପତ୍ତିର ଉତ୍ତର ଦେଇ କୁହନ୍ତି; ଆମ ପ୍ରିୟ ମୁନିବ ପୁଣ୍ୟଶ୍ଳୋକ ହଜରତ ମୁହମ୍ମଦ [ସ.ଅ]ଙ୍କର ଉକ୍ତ ଘଟଣାରୁ ଏକ ସର୍ବୋତ୍ତମ ନମୁନା ପ୍ରମାଣିତ ହେଉଛି । ତାହା ଏହିକି ଯେ, ଯେଉଁ ତୌରିୟା (ଶବ୍ଦର ଅର୍ଥ କହିବା କିଛି ଆଉ ମନରେ ଚିନ୍ତା କରିବା । ଅର୍ଥାତ ଏପରି କଥା କହିବା ଯାହାର ଦୁଇଟି ଅର୍ଥ ରହିଥିବ)କୁ ଆପଣଙ୍କ ଇସା ମସିହ ବୈଧ ମଣି ସାରା ଜୀବନ ବ୍ୟବହାର କରୁଥିଲେ । କିନ୍ତୁ ହଜୁର[ସ.ଅ] ଆମକୁ ଏପରି ପ୍ରସଙ୍ଗରୁ ଯଥାସମ୍ଭବ ନିବୃତ୍ତ ରହିବା ନିମନ୍ତେ ଆଦେଶ ଦେଇଛନ୍ତି । ନବୀଶ୍ରେଷ୍ଠ ହଜରତ ମୁହମ୍ମଦ[ସ.ଅ] ଓ୍ୱହଦ୍ ଯୁଦ୍ଧରେ ଏକାକୀ ଥିବା ଅବସ୍ଥାରେ ଶତ୍ରୁର ମୁକୁଳା ଖଣ୍ଡା ସମ୍ମୁଖରେ କହୁଥିଲେ; ମୁଁ ମୁହମ୍ମଦ, ମୁଁ ପରମେଶ୍ୱରଙ୍କ ପ୍ରେରିତ ଦୂତ, ମୁଁ ଅବଦୁଲ୍ ମୁତଲିବ୍ଙ୍କ ପୁତ୍ର । ଅପରପାର୍ଶ୍ୱରେ ଆପଣଙ୍କ ଇସା ମସିହ ଭୟରେ ଥରହର ହୋଇ ନିଜ ଅନୁଚରମାନଙ୍କୁ ଏହା ବିପରୀତ ମୂଳକ ଆଦେଶ ଦେଇଥିଲେ କି କାହାରିକୁ କହିବ ନାହିଁ ଯେ ମୁଁ ଇସା ମସିହ ଅଟେ । ଯେତେବେଳେ କି ଏପରି କହିବା ଦ୍ୱାରା ତାଙ୍କୁ କେହି ହତ୍ୟା କରି ଦେଇ ନଥାନ୍ତେ ।

ଓ୍ୱହଦ୍ ଯୁଦ୍ଧରେ ମୁସଲମାନମାନଙ୍କର ଧ୍ୱଜାଧାରୀ ହଜରତ ମୁସେବ୍ ବିନ୍ ଉମେର୍[ର.ଅ] ଇସଲାମୀୟ ଧ୍ୱଜାର ବେଶ୍ ସୁନ୍ଦର ଭାବରେ କର୍ତ୍ତବ୍ୟ ସମ୍ପାଦନ କରିଥିଲେ । ହଜରତ ମିର୍ଜା ବଶିର ଅହେମଦ୍ ସାହେବ ଉଲ୍ଲେଖ କରିଛନ୍ତି, ଇବ୍ନେ କମିୟା ମୁସେବ୍ଙ୍କର ସେହି ହସ୍ତ ଉପରେ ପ୍ରହାର କରି କାଟି ଦେଲା ଯେଉଁ ହସ୍ତରେ ସେ ଇସଲାମୀୟ ବାନାକୁ ବହନ କରିଥିଲେ । ବସ୍ତୁତଃ ସେ ବାନାକୁ ଅନ୍ୟ ହସ୍ତରେ ଥାମି ନେଲେ ତାହା ଦେଖି ଇବ୍ନେ କମିୟା ତାଙ୍କର ଦ୍ୱିତୀୟ ହାତଟିକୁ ମଧ୍ୟ କାଟି ଦେଲା । ସେଥିଅନ୍ତେ କଟି ଯାଇଥିବା ଦୁଇ ହାତ ସହିତ ସେ ନିଜ ଛାତିରେ ବାନାଟିକୁ ଜାବୁଡ଼ି ନେଲେ । ଇବ୍ନେ କମିୟା ତୃତୀୟ ପ୍ରହାର କଲେ ଯଦ୍ୱାରା ବର୍ଚ୍ଛା ତାଙ୍କ ଛାତି ଭେଦ କରିଗଲା । ଆଉ ବର୍ଚ୍ଛାଟି ଭାଙ୍ଗିଗଲା, ଫଳରେ ମୁସେବ୍ ତଳେ ଟଳି ପଡ଼ିଲେ । ଏହା ଦେଖି କେହି ଜଣେ ଧାଇଁ ଯାଇ ସଙ୍ଗେସଙ୍ଗେ ଇସଲାମୀୟ ଧ୍ୱଜାକୁ ଥାମି ନେଲେ । ଯେହେତୁ ମୁସେବ୍ଙ୍କର ରୂପରଙ୍ଗ ଓ ଶରୀର ଗଠନ ହଜୁର [ସ.ଅ]ଙ୍କ ସହ ସାମଞ୍ଜସ୍ୟ ରଖୁଥିଲା । ତେଣୁ ଇବ୍ନେ କମିୟା ମଣିଲା କି ସେ ହଜୁର [ସ.ଅ]ଙ୍କୁ ନିହତ କରି ଦେଇଛି । ଅଥବା ଏହା ମଧ୍ୟ ସମ୍ଭବ ଯେ, ସେ ଏହି ଦୃଷ୍ଟାମି ଓ ଛଳନା ନିଜ ଆଡୁ କରିଥିବ । ସେ ଯାହା ହେଉ ସେ ଚିତ୍କାର କରି ଉଠିଲା କି ମୁଁ ମୁହମ୍ମଦଙ୍କୁ ବଧ କରିଦେଇଛି । ଏହି ଗୁଜବ ଶୁଣି ମୁସଲମାନମାନଙ୍କର ବାକି ରହି ଯାଇଥିବା ସାହସ ମଧ୍ୟ

ଭୁଷୁଡ଼ି ପଡ଼ିଲା ଆଉ ସେମାନଙ୍କର ଏକତା ସମ୍ପୂର୍ଣ୍ଣ ରୂପେ ଅବ୍ୟବସ୍ଥିତ ଅର୍ଥାତ ଚୁରମାର ହୋଇଗଲା ।

ଯେପରିକି ବର୍ଣ୍ଣନା କରାଯାଏ କି ଓ୍ୱହଦ୍ କ୍ଷେତ୍ରରେ କିଛି କ୍ଷଣର ଅବହେଳା ଇସଲାମୀୟ ସେନାର ବିଜୟକୁ ଅସ୍ଥାୟୀ ପତିତରେ ରୂପାନ୍ତରିତ କରିଦେଲେ କିନ୍ତୁ ହଜୁର[ସ.ଅ] ସାଂସାରିକ ଯୁଦ୍ଧ ଇତିହାସରେ ଜଣେ ସର୍ବଶ୍ରେଷ୍ଠ ସେନାଧକ୍ଷ ଓ ଅତି ବିଚକ୍ଷଣ ରଣନୀତିର ଅଧିକାରୀ ରୂପେ ଖ୍ୟାତି ଲାଭ କଲେ । ହଜୁର[ସ.ଅ] ଯୁଦ୍ଧର ପରିବର୍ତ୍ତିତ ଅବସ୍ଥା ଉପରେ ଗଭୀର ଦୃଷ୍ଟି ନିକ୍ଷେପ କରିଥିଲେ । ନିଜ ଠାରୁ ଚାରିଗୁଣା ଅଧିକ ସୈନ୍ୟସାମନ୍ତ ବିପକ୍ଷରେ ଆପଣ[ସ.ଅ] ଇସଲାମୀୟ ସେନାକୁ ବିକ୍ଷିପ୍ତ ଓ ଦୁର୍ବଳ ହେବା ପରିବର୍ତ୍ତେ ଏପରି ସୁଶଙ୍ଗଠିତ ଓ ସୁରକ୍ଷିତ କଲେ ଯେ, ଶତ୍ରୁ ଇସଲାମୀୟ ସେନାକୁ ପୂର୍ଣ୍ଣ ରୂପେ ପତିତ କରିବାରେ ଅସମର୍ଥ ରହିଥିଲା । ହଜୁର[ସ.ଅ] ଇସଲାମୀୟ ସେନାର ବାନା ହଜରତ ଅଲୀଙ୍କୁ ପ୍ରଦାନ କରିଥିଲେ । ଆଉ ନିଜ ନିକଟରେ ରହିଥିବା ସାହାବାଙ୍କର ସଂଖ୍ୟାଲଘୁ ଦଳ ସହ ଶତ୍ରୁର ଏପରି ମୁକାବିଲା କଲେ ଯେ, ଅମାନ୍ୟକାରୀଙ୍କ କବଳରୁ ମୁକୁଳିବାର ବାଟ ସୁଗମ କରିଦେଲେ । ରଣକ୍ଷେତ୍ରରେ ବିକ୍ଷିପ୍ତ ମୁସଲମାନ ସେନା ଆଡ଼କୁ ଅଗ୍ରସର ହେଲେ ଯେ ଆପଣଙ୍କ ଶହିଦ୍ ହେବାର ଗୁଜବ ଶୁଣି ଧୈର୍ଯ୍ୟ ହରାଇ ବସିଥିଲେ । ମକ୍କାର ଅମାନ୍ୟକାରୀମାନେ ମଧ୍ୟ ଇସଲାମୀୟ ସେନାର ପୁନଃ ପ୍ରତ୍ୟାବର୍ତ୍ତନକୁ ବ୍ୟର୍ଥ କରିବା ନିମନ୍ତେ ନିଜ ଆକ୍ରମଣ ତୀବ୍ରତର କରିଦେଲେ କିନ୍ତୁ ହଜୁର [ସ.ଅ]ଙ୍କର ପଛଘୁଞ୍ଚା ଦେବାରେ ଏହି ଚତୁରତା ପ୍ରଚ୍ଛନ ଥିଲା କି ମୁଠାଏ ସୈନିକ ଅର୍ଦ୍ଧବୃତ୍ତାକାର ଘେର ବାନ୍ଧି କାନ୍ଧ ସହ କାନ୍ଧ ମିଳାଇ ଶତ୍ରୁର ଭୀଷଣ ଆକ୍ରମଣକୁ ନିଷ୍ଫଳ କରି ତାଙ୍କ ଆଖିରେ ଧୂଳି ପକାଇ ଘାଟି ଆଡ଼କୁ ହଟିଯିବେ । **ଶତ୍ରୁ ସେମାନଙ୍କୁ ଘେରି ନେବାର ସମସ୍ତ ଜତନ ଓ ପୂର୍ଣ୍ଣ ସାମର୍ଥ୍ୟ ବିନିଯୋଗ କରିନେଲା କିନ୍ତୁ ହଜୁର[ସ.ଅ] ଆକ୍ରମଣକାରୀଙ୍କ ସମାଗମକୁ ଭେଦ କରି ନିଜ ପାଇଁ ବାଟ କଢ଼ିନେଲେ ।**

ଓ୍ୱହଦ୍ ଯୁଦ୍ଧ ଅବସରରେ (ସୈନିକମାନଙ୍କୁ) ନିଦ୍ରା ଓ ଉଙ୍ଘ ମାଡ଼ିବାର ବର୍ଣ୍ଣନା ମଧ୍ୟ ମିଳୁଅଛି । ହଜରତ ଜୁବେର୍ ବିନ୍ ଅଓାମ୍ ଓ ହଜରତ କାବ୍ ବିନ୍ ଉମରୋ ଅନ୍‌ସାରୀ[ର.ଅ] ସାହାବାଙ୍କୁ ଉଙ୍ଘ ମାଡ଼ିବା ସଂକ୍ରାନ୍ତରେ ବ୍ୟାଖ୍ୟା କରି କୁହନ୍ତି; କିପରି ପରମେଶ୍ୱର ମୁସଲମାନମାନଙ୍କୁ ଏହି ଭାରାକ୍ରାନ୍ତରୁ ମୁକ୍ତ କରି ଆଶ୍ୱସ୍ତି ପ୍ରଦାନ କଲେ । ହଜରତ ଅବୁ ତଲହା[ର.ଅ] ବର୍ଣ୍ଣନା କରନ୍ତି; ଓ୍ୱହଦ୍ ଯୁଦ୍ଧଦିନ ମୁଁ ମୁଣ୍ଡ ଉଠାଇ ଚାହିଁବାରୁ ଦେଖିବାକୁ ପାଇଲି କି ସଭିଏଁ ନିଜ ନିଜ ମୁଣ୍ଡ ଢ଼ାଲ ପଛରେ ରଖିଛନ୍ତି । ସଭିଏଁ ଏପରି ଘଡ଼ିସନ୍ଧି ମୁହୂର୍ତ୍ତରେ ତନ୍ଦ୍ରା ଅବସ୍ଥାରେ ପତିତ ହେଲେ ଏବଂ ଶତ୍ରୁ ପକ୍ଷରୁ ଘମାଘୋଟ ଆକ୍ରମଣ ହେଉଥିଲା ତେବେ ଏହା କୌଣସି ଆକସ୍ମିକ ଘଟଣା ନୁହେଁ । **ଏହା ଏକ ବୈଶିଷ୍ଟ୍ୟ ଓ ଚମତ୍କାର ।**

ଗୋଟିଏ ବର୍ଣ୍ଣନାନୁଯାୟୀ ଓ୍ୱହଦ୍ ଯୁଦ୍ଧଦିନ ହଜୁର [ସ.ଅ]ଙ୍କ ପବିତ୍ର ମୁଖକୁ ଖଣ୍ଡା ଦ୍ୱାରା ୭୦ଥର ଆକ୍ରମଣ କରାଯାଇଥିଲା କିନ୍ତୁ ପରାକ୍ରମୀ ଅଲ୍ଲାଃ ସେସମସ୍ତ ଆକ୍ରମଣରୁ ଆପଣଙ୍କୁ ରକ୍ଷା କରିଥିଲେ । ହଜରତ ମସିହ ମଉଦ[ଅ.ସ] କୁହନ୍ତି; ରଣକ୍ଷେତ୍ରରେ ସର୍ବଶ୍ରେଷ୍ଠ ବୀର ସେ ମଣା ଯାଉଥିଲା ଯେ ଆପଣ [ସ.ଅ]ଙ୍କର ଅତି ନିକଟରେ ରହୁଥିଲା । କାରଣ ଶତ୍ରୁ ଆପଣଙ୍କ ଉପରେ ଅତି ସାଂଘାତିକ ଆକ୍ରମଣ କରୁଥିଲେ । ସୁବହାନଲ୍ଲାଃ ସେହି ମହାତ୍ମାଙ୍କର କି ବୈଭବ୍ୟ ! ଦେଖ ଓ୍ୱହଦ୍ ଯୁଦ୍ଧରେ ବଡ଼ ବଡ଼ ପ୍ରାଣଗ୍ରାସକାରୀ ଆକ୍ରମଣ ହଜୁର [ସ.ଅ]ଙ୍କ ଉପରେ କରାଯାଉଥିଲା । ଏପରି ଘମାଶାନ ଯୁଦ୍ଧର ସାହାବାମାନେ ପ୍ରତିରକ୍ଷା କରିବାରେ ଅସମର୍ଥ ରହିଥିଲେ କିନ୍ତୁ ସେହି ବୀରପୁରୁଷ ଦୃଢ଼ ଓ ଦାମ୍ଭିକତାର ସହ ରଣକ୍ଷେତ୍ରରେ ଅଟଳ

ରହିଥିଲେ । ଏଥିରେ ସାହାବାଙ୍କର ଦୋଷ ନଥିଲା, ଦୟାବାନ ପ୍ରଭୁ ତାଙ୍କୁ କ୍ଷମା କରିଦେଲେ । **ବରଂ ଏଥିରେ ଭେଦ ଏହା ଥିଲା କି ହଜୁର [ସ.ଅ]ଙ୍କ ବୀରତ୍ୱ ପ୍ରମାଣ ସିଦ୍ଧ ହେବ ।**

ମହାମହିମ ହଜୁର ଅନଓ୍ୱର[ଅ.ବ] କହିଲେ; ଓ୍ୱହଦ୍ ଯୁଦ୍ଧର ବ୍ୟାଖ୍ୟା ଆସନ୍ତାରେ ମଧ୍ୟ ଅବ୍ୟାହତ ରହିବ । ବର୍ତ୍ତମାନ ମୁଁ କିଛି ମୃତକମାନଙ୍କ ଜୀବନୀ ଚର୍ଚ୍ଚା କରିବି ଏବଂ ସେମାନଙ୍କ ନମାଜ ଜନାଯାଃ ଗାଏବ ପାଠ କରିବି । ସେଥିମଧ୍ୟରେ ଫିଲିସ୍ତିନ ଅଞ୍ଚଳର ଆମ ଅହେମଦି ଭାଇ ଶ୍ରୀମାନ ମୁହମ୍ମଦ ଅକାଶା ସାହେବ ରହିଛନ୍ତି । ଯାହାଙ୍କୁ ଅତି ନିର୍ମମ ଭାବରେ ମୁଣ୍ଡକୁ ଗୁଳୀ ମାରି ଶହିଦ୍ କରାଯାଇଛି । ପ୍ରିୟ ହଜୁର ଅନଓ୍ୱର[ଅ.ବ] ତାଙ୍କର ଉତ୍ତମ ଚରିତ୍ର ଚର୍ଚ୍ଚା କରି କହିଲେ; ଅଲ୍ଲାଃତାଲା ବୈକୁଣ୍ଠରେ ତାଙ୍କର ସ୍ତର ଉର୍ଦ୍ଧ୍ୱଗାମୀ କରନ୍ତୁ ଏବଂ ତାଙ୍କ ସନ୍ତାନମାନଙ୍କୁ ତାଙ୍କ ଦୁଆର ଅଧିକାରୀ କରାନ୍ତୁ । ମୃତକଙ୍କର ସନ୍ତାନ ଏବଂ ପରିଜନମାନେ ଅହେମଦିୟତ୍ ଓ ବାସ୍ତବିକ ଇସଲାମକୁ ହୃଦୟଙ୍ଗମ କରନ୍ତୁ । ଆଉ ଶାନ୍ତି ଓ ନିରାପତ୍ତାକୁ ସ୍ୱଚକ୍ଷୁରେ ଅବଲୋକନ କରି ନିଅନ୍ତୁ ।

ଅଲ୍ଲାଃତାଲା ତାଙ୍କ ଅଞ୍ଚଳରେ ଶାନ୍ତି ପ୍ରତିଷ୍ଠା କରନ୍ତୁ । ଅତ୍ୟାଚାରୀଙ୍କ ହାତ ରୋକି ତାହାର ନିପାତ କରି ଦିଅନ୍ତୁ । ଇସ୍ରାଇଲ୍ ଏବେ ଲବନାନ୍‌ର ସୀମାନ୍ତରେ ଥିବା ହିଜ୍‌ବୁଲ୍ଲାଃ (ଦଳ) ବିପକ୍ଷରେ ଯୁଦ୍ଧ ଆରମ୍ଭ କରିଦେଲାଣି । ଯଦ୍ୱାରା ପରିସ୍ଥିତି ଆହୁର ଜଟିଳ (ସଙ୍କଟାପର୍ଣ୍ଣ) ହେବ । ଏହିପରି ଆମେରିକା ଓ ଇଂଲଣ୍ଡ ହୋସି ୟମ୍‌ନୀ ଜାତି ବିରୋଧରେ ଯୁଦ୍ଧ ଆରମ୍ଭ କରି ଦେଇଛନ୍ତି । ଏସମସ୍ତ ଘଟଣା ଯୁଦ୍ଧର ଅପ୍ରୀତିକର ପରିସ୍ଥିତିକୁ ଅଧିକ ଘନିଭୂତ ଓ ପ୍ରଶସ୍ତ କରୁଅଛି । ସମ୍ପ୍ରତି ଅନେକ ରଚନାକାରୀ ଲେଖୁଛନ୍ତି ଯେ, ବିଶ୍ୱଯୁଦ୍ଧ ହେବା ଅତି ନିକଟବର୍ତ୍ତୀ । ସୁତରାଂ ଦୁଆର ବହୁତ ଆବଶ୍ୟକତା ରହିଛି । ଅଲ୍ଲାଃତାଲା ମାନବଜାତିକୁ ସଦ୍‌ବୁଦ୍ଧି ଓ ବୁଝିବାର ଶକ୍ତି ପ୍ରଦାନ କରନ୍ତୁ । ଦ୍ୱିତୀୟ ଜନାଯାଃ ଶ୍ରୀମତୀ ଅମତୁଲ୍ ନସିର ସାହେବାଃ ପତ୍ନୀ ଶ୍ରୀମାନ ହୈଦର ଅଲୀ ଜଫର୍ ସାହେବ । ତୃତୀୟ ଜନାଯାଃ ଶ୍ରୀମତୀ ନସିମ୍ ଅଖତର୍ ସାହେବାଃ ପତ୍ନୀ ଶ୍ରୀମାନ ହବିବୁଲ୍ଲାଃ କାହ୍‌ଲୁ ସାହେବ । ଚତୁର୍ଥ ଜନାଯାଃ ଶ୍ରୀମତୀ ମୁବାରକା ବେଗମ୍ ସାହେବାଃ ପତ୍ନୀ ଶ୍ରୀମାନ ରଶିଦ୍ ଅହେମଦ ଜମିର୍ ସାହେବଙ୍କର ଅଟେ । ମହାମାନ୍ୟ ହଜୁର ଅନଓ୍ୱର[ଅ.ବ] ସମସ୍ତ ମୃତକଙ୍କ ପାଇଁ କ୍ଷମା ପ୍ରାର୍ଥନା କରିବା ସହ ବୈକୁଣ୍ଠରେ ସେମାନଙ୍କର ସ୍ତର ଉର୍ଦ୍ଧ୍ୱଗାମୀ ହେବା ନିମନ୍ତେ ଦୁଆ କଲେ ।

---

ଅଲ୍‌ହମ୍‌ଦୁ ଲିଲ୍ଲାହି ନହ୍‌ମଦୁହୁ ଓ୍ୱ ନସ୍‌ତଈନୁହୁ ଓନସ୍‌ତଗ୍‌ଫିରୁହୁ ଓନୁମିନୁ ବିହି ଓନତଓକ୍‌କଲୁ ଅଲୈହି ଓ ନଉଜୁବିଲ୍ଲା ମିନ୍ ଶୁରୁରେ ଅନ୍‌ଫୁସିନା ଓ ମିନ୍ ସଈୟାତି ଆମାଲିନା ମଇଁ ୟହ୍‌ଦିହିଲ୍ଲା ଫଲାମୁଜିଲ୍ଲା ଲହୁ ଓମଇଁ ୟୁଜ୍‌ଲିଲ୍‌ହୁ ଫଲା ହାଦିୟା ଲହୁ ଓନଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ଓ୍ୱନଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ଓ୍ୱରସୁଲୁହୁ । ଇବାଦଲ୍ଲାହି ରହ୍‌ମକୁମୁଲ୍ଲାହା ଇନ୍ନଲ୍‌ଲାହା ୟାମୁରୁବିଲ୍ ଅଦ୍‌ଲେ ଓ୍ୱଲ୍ ଇହ୍‌ସାନି ଓ୍ୱଇତାଇଜିଲ କୁର୍‌ବା ଓ୍ୱୟନ୍‌ହା ଅନିଲ୍ ଫହ୍‌ଶାଇ ଓ୍ୱଲ୍ ମୁନ୍‌କରି ଓ୍ୱଲ୍ ବଗ୍‌ଇ ୟଇଜୁକୁମ୍ ଲଅଲ୍‌ଲକୁମ୍ ତଜକ୍ କରୁନ୍ ଉଯ୍‌କୁରୁଲ୍ଲାହା ୟଯ୍‌କୁରୁକୁମ୍ ଓଦ୍‌ଉହୁ ୟସ୍‌ତଜିବ୍ ଲକୁମ୍ ଓଲଯିକ୍‌ରୁଲ୍ଲାହି ଅକ୍‌ବର୍ ।

Khulasa Khutba Juma Huzoor Anwar a.b.a In Odia
12th January 2024